Tel : 0671-2308424, 2308104 (FAX)
# CUTTACK MUNICIPAL CORPORATION
CHOUDHURY BAZAR, CUTTACK-753009

Ref : 9710 Date : 7/9/15

## ନୋଟିସ୍

ଏତଦ୍ୱାରା କଟକ ମହାନଗର ନିଗମ ଅଞ୍ଚଳରେ ବିଜ୍ଞାପନ ସମ୍ବନ୍ଧୀୟ ବ୍ୟବସାୟ କରୁଥିବା ବିଭିନ୍ନ ବ୍ୟକ୍ତି ବିଶେଷ ଓ ସଂସ୍ଥାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଅସାଧାରଣ ରାଜପତ୍ର ସଂଖ୍ୟା ୨୩୨୪ ତା.୨୮.୧୧.୨୦୧୩ରିଖ ଓ କଟକ ମହାନଗର ନିଗମ ପରିଷଦର ପ୍ରସ୍ତାବ କ୍ରମେ ନିମ୍ନଲିଖିତ ସ୍ଥାନ ଓ ଅଞ୍ଚଳମାନଙ୍କୁ ବିଜ୍ଞାପନ ମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଗଲା। ଏଣୁ ଯେଉ ବ୍ୟକ୍ତି ବିଶେଷ/ବିଜ୍ଞାପନ ସଂସ୍ଥାମାନେ ସେମାନଙ୍କ ବିଜ୍ଞାପନ/ହୋର୍ଡିଂ ନିମ୍ନଲିଖିତ ସ୍ଥାନ ବା ଉକ୍ତ ସ୍ଥାନ ଠାରୁ ୧୦୦ମିଟର ଦୂରତା ମଧ୍ୟରେ ପ୍ରଦର୍ଶନ କରୁଥିବେ, ସେମାନେ ଉକ୍ତ ହୋର୍ଡିଂ ବା ବିଜ୍ଞାପନ ଫଳକ ଗୁଡିକ ଏହି ନୋଟିସ ପ୍ରକାଶନର ୭ଦିନ ମଧ୍ୟରେ ସ୍ଥାନାନ୍ତର ବା ହଟାଇ ନିଅନ୍ତୁ ଅନ୍ୟଥା ମହାନଗର ନିଗମ ଦ୍ୱାରା ଉକ୍ତ ହୋର୍ଡିଂ ଗୁଡିକୁ ବେଆଇନ ଘୋଷଣା କରାଯାଇ ସେଗୁଡିକୁ ଉଚ୍ଛେଦ କରାଯିବ ଏବଂ ଏହି ପ୍ରକିୟାରେ ନିଗମର ଆର୍ଥିକ କ୍ଷତିର ଭରଣା ସମ୍ପୃକ୍ତ ସଂସ୍ଥା ବା ବ୍ୟକ୍ତି ବିଶେଷଙ୍କଠାରୁ ଆଇନାନୁଯାୟୀ ଆଦାୟ କରାଯିବ ।

**ନିମ୍ନୋକ୍ତ ସ୍ଥାନ/ଅଞ୍ଚଳକୁ ହୋର୍ଡିଂ ଓ ବିଜ୍ଞାପନ ମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଗଲା।**

୧. ସତୀଚୌରା ଛକଠାରୁ ସି.ଡି.ଏ ସେକ୍ଟର ୧୦(ପେଟାନାଳ)କୁ ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱ।
୨. ଚଣ୍ଡିମନ୍ଦିର ଛକ।
୩. ହାଇକୋର୍ଟର ଚତୁଃପାର୍ଶ୍ୱ।
୪. ବିଭିନ୍ନ ଶିକ୍ଷାନୁଷ୍ଠାନ ସାମନା।
୫. ଚାନ୍ଦିନୀ ଚୌକ ଏବଂ ବକ୍ସି ବଜାର ପୋଷ୍ଟ ଅଫିସ ସାମନା।
୬. କଟକ ମହାନଗର ନିଗମ ବିଭିନ୍ନ ପାର୍କର ସମ୍ମୁଖ ଓ ପାର୍ଶ୍ୱବର୍ତୀ ସ୍ଥାନ।
୭. ଏସ.ସି.ବି ମେଡିକାଲ, ସିଟି ହସପିଟାଲ ଏବଂ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ପାର୍ଶ୍ୱବର୍ତୀ ଅଞ୍ଚଳ।
୮. କଟକ ମହାନଗର ନିଗମ ଦ୍ୱାରା ନିର୍ମିତ ବିଭିନ୍ନ ବରପୁତ୍ରଙ୍କର ପ୍ରତିମୂର୍ତିର ପାର୍ଶ୍ୱବର୍ତୀ ସ୍ଥାନ।
୯. ଡି.ଆର.ଡି.ଏ ଅଫିସଠାରୁ ଶିଶୁଭବନ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ।
୧୦. ଗଡଖାଇ ପାର୍ଶ୍ୱବର୍ତୀ ସ୍ଥାନ।
୧୧. ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗଦ୍ୱାରା ସ୍ବୀକୃତ ସ୍ଥାନ।
୧୨. ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସମ୍ମୁଖ ଓ ପାର୍ଶ୍ୱବର୍ତୀ ସ୍ଥାନ।

ଜ୍ଞାନଦାସ
**ଆୟୁକ୍ତ** 7/9

ଏହାର ଏକକିତା ନକଲ:

୧. ମହାନଗର ନିଗମ କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ପ୍ରକାଶନ ପାଇଁ ।
୨. ଏମ.ଆଇ.ଏସ କକ୍ଷକୁ ନିଗମ ୱେବସାଇଟ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା।
୩. ଉପଜିଲ୍ଲାପାଳ କଟକଙ୍କୁ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶନ ପାଇଁ ପ୍ରେରଣ କରାଗଲା।
୪. ଡି.ସି.ପି, କଟକ ଓ ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।